# ବାସୁକୀ

କବି ରଘୁନାଥ ଦାସ

ବିନ୍ଦୁ..........

ଦୈର୍ଘ୍ୟ ନାହିଁ, ପ୍ରସ୍ଥ ନାହିଁ, ନାହିଁ ବେଧ,

ଅଛି ମାତ୍ର ଅବସ୍ଥିତି ।

ସବୁ ଦୈର୍ଘ୍ୟ, ସବୁ ପ୍ରସ୍ଥ, ସବୁ ବେଧ

ବିନ୍ଦୁରୁ ଗଣିତ ହୁଏ,

ବିନ୍ଦୁରେ ହିଁ ତାର ପରିଣତି ।

ଅନୁଭବେ ଆଣେ ତା'ର ଉପସ୍ଥିତି ।

ଲମ୍ବିଛି ସେ ଆଗ ପଛ-

ବ୍ୟାପିଛି ସେ ଚତୁର୍ଦ୍ଦିଗେ,

ଭେଦି ନିମ୍ନେ ଉଠେ ଉର୍ଦ୍ଧ୍ବେ,

ଆଖି ନାହିଁ ପାଏ ।

ବୁଦ୍ଧି ହଜେ କଳିବାକୁ ଯାଇ ତାକୁ,

ଆପାଣାକୁ ମଣେ ଅସହାୟ ।

ଅମାପ ସେ ସରୀସୃପ

ସମଗ୍ର ଅତୀତ ଗିଳି, ଖାଏ ବର୍ତ୍ତମାନ,

www.jatayu.org

# ବାସୁକୀ

କବି ରଘୁନାଥ ଦାସ

ତେବେ ବି ସେ

ଭବିତବ୍ୟେ ଗ୍ରାସିବାକୁ ଚାହେଁ ।

ତା'ର କୁକ୍ଷିପାକେ

ତୁମେ ଓ ମୁଁ, ପୃଥ୍ବୀସାରା,

ସୂର୍ଯ୍ୟଚନ୍ଦ୍ର ଗ୍ରହତାରା,

ଦୃଶ୍ୟାଦୃଶ୍ୟ

ସବୁରି ଭୟ, ସବୁରି ବିଲୟ ।

ନିଶ୍ଚଳ ସେ, ନିଃଶବ୍ଦ ସେ, ଆଦିମ ସେ ଅଣ୍ଡ

ପ୍ରଚଣ୍ଡ ଶବଦେ

ଦେଖ ଦେଖ ଫାଟିପଡେ ହୋଇ ଖଣ୍ଡ ଖଣ୍ଡ...

ଫଣୀ ଦିଏ ଲମ୍ଫ,

ସୃଷ୍ଟିରେ ସେ ଆଦି ସରୀସୃପ

ଆଦିମ ସେ ସରୀସୃପ

ସୃଷ୍ଟି କରି ଅଜସ୍ର କୁଣ୍ଡଳୀ ଆଚ୍ଛାଦେ କ୍ଷଣକେ ବିଶ୍ବେ ଆଦିମ କୁହେଳୀ ।

କୁହେଳୀର ଭିତ୍ତି ପରେ ବ୍ୟାପ୍ତିମୟ ମାୟାଜାଲ ଟାଣି

www.jatayu.org
Powered by Tekons

# ବାସୁକୀ

କବି ରଘୁନାଥ ଦାସ

ପ୍ରଣବ ଧ୍ବନିରେ ତୋଳେ ତ୍ରିପଟାରେ ସୃଜନର ବାଣୀ ।

ଧ୍ବନିରୁ ସଂଚାର ଲଭେ ଆଦି ମହାକାଶ,

ମହାକାଶେ ହେଲା ପୁଣି

ମରୁତ ପ୍ରକାଶ

ମରୁତରୁ ହେଲା ତେଜଃର ଉଦ୍ଭବ

ତେଜରୁ ସମ୍ଭୂତ ହେଲା ଆପଃ ମହାପ୍ରଭୂ

ଆପରୁ ଜନ୍ମିଲା ପୁଣି ମହାପ୍ରାଣ କ୍ଷିତି.....

ଆଦ୍ୟ ଉପାଦାନ ଏଥି ଆରମ୍ଭିଲା ସୃଷ୍ଟି ।

ଦେଖେ ଏବେ ସେ ପ୍ରଚ୍ଛଦପଟେ

ଆଲୋକ ଓ ଅନ୍ଧାରର ଛାୟାନୃତ୍ୟ

ଆଉ ଯାହା ଏ ଜୀବନେ ସମ୍ଭବ ବା ଘଟେ ।

ଏଇ ଦେଖ,

ଉଷା ସଲଜ୍ଜ ଗଣ୍ଡେ ଅରୁଣର ଆରକ୍ତ ଚୁମ୍ବନ;

ରେଳପଥେ ଦୁର୍ଘଟଣା, ରାସ୍ତାଘାଟେ ଭିକ୍ଷୁ ପଲଟନ;

ସୁସଜ୍ଜିତ ଉଦ୍ୟାନର ଫୁଲ ଦୋଳେ ମଳୟ ହିଲ୍ଲୋଳେ

www.jatayu.org

# ବାସୁକୀ

କବି ରଘୁନାଥ ଦାସ

ଅଜ୍ଞାନ ସେ ମ୍ଳେଚ୍ଛପିଲା ମରିପଡେ ବସ୍ତି ମାଡ଼ଗୋଳେ ।

ଦେଖ ବାତ୍ୟାର ପ୍ରକୋପ, ଭୂମିକମ୍ପ,

ଉଚ୍ଚ ଅଟ୍ଟାଳିକା

ଆପାଣାର ଦେହବିକା

ଯେ ବାଳିକା ମରେ ତା ଜୀବିକା

ଶାନ୍‌ଶାହୀ ଦରବାରେ ତାନ୍‌ସେନୀ ଶୁଣ ଯେ ଆଳାପ

ବିଧାତାରେ ଦେଇ ଅଭିଶାପ

ଚାଷୀବୁଢ଼ା ପିଟୁଛି ତା' ମୁଣ୍ଡ

ଫୁଲତୋଡ଼ା ହାତେ ଧରି

ଅଭ୍ୟର୍ଥନା ଲାଗି କା'ର ବହୁଲୋକ ରୁଣ୍ଡ

ହୋଇଛନ୍ତି

ହତ୍ୟାକାରୀ ଗୁଳିଚୋଟେ କେ ପଡୁଛି ଟଳି;

କେ ପୁଣି ଛୁଟିଛି ବୀର

ରକ୍ତ ନଦୀ ପହଁରି ପହଁରି ।

ଜୀବନର ଧାର ବହେ ଅବାରିତ

www.jatayu.org

# ବାସୁକୀ

କବି ରଘୁନାଥ ଦାସ

ଘାତ-ପ୍ରତିଘାତେ

ଅସମ୍ପୂର୍ଣ୍ଣ ସେ ନାଟକ

ପରିପୂର୍ଣ୍ଣ ନାନା ପ୍ରଶ୍ନ, ନାନାରଙ୍ଗ

ହର୍ଷ ଓ ବିଷାଦେ

ବାସୁକୀ ତା ଫଣା ପରେ ନେଇଛି ତ ସଂସାରର ଭାର ।

ଯେ ବାସୁକୀ ସେହି ମହାକାଳ ।

www.jatayu.org